# OFFICE OF THE CHILD DEVELOPMENT PROJECT OFFICE, KEONJHAR, SADAR.

## NOTICE INVITING TENDER

**No. 322/ Dt. 06.04.2021**

(TENDER CALL NOTICE FOR WALL PAINTING&PUSHTI KANTH)

Sealed quotations invited from the intending registered firms/Supplying Agencies/Printing press for PAINTING & PUSHTI KANTH at AWC level and village level respectively under OMBADC Shame for 335 AWCs of this Project. during the year 2020-21 as per the following terms and conditions.

1. The rate quoted shall be inclusive of all taxes,/GST transportation, cost and others incidental charges.
2. The paintings shall be done at concerned AWC and no extra fare will be given for journey.
3. Attested Xerox copies of up-to-date GST clearance certificate should be attached with quotation.
4. Must have License/PAN CARD/TIN for painting works
5. Specification WALL PAINTING & PUSHTI KANTH
   - (i) Unit-2 wall painting at AWC Level & Pushti Kanth village level
   - (ii) Size-8 X 5"6"
   - (iii) Colour-As per Photo type posted on the Website of the W&CD and MS Deptt. The Photo type is enclosed herewith
   - (iv) Rate of wall painting & Pusthi Kanth @Rs1500/-per painting
6. The quotations should be dropped in the tender box placed in the office of the undersigned for the purpose in working hours up to 2.00 PM ( i.e from 08.00 AM to 2.00 PM)
7. The last date of receipt of the quotation is 22/04/2021 at 9.00 AM and same day will be opened on 22/04/2021 at 12.00 Noon by the committee members in the Office Chamber of the CDPO SADAR KEONJHAR at the stipulated time for finalization.
8. The C.D.P.O, Keonjhar, Sadar reserves the right to cancel all the quotations or part of it at any time without assigning any reason thereof.
9. A sum of 50,000/- shall be deposited by the intending bidders in shape of account payee bank draft drawn in favour of CDPO Keonjhar, Sadar and submitted along with the tender as security deposit. After completion of tender process the amount will be refunded to unsuccessful bidders.
10. Date of Completion of wall painting work 30 days from the date of issue of the work order
11. No interest for delay in payment will be made.

6/04/2021

Child Development Project Officer
Keonjhar, Sadar.

Memo No 323 Dt 06.04.2021

Copy submitted to the A.D.M, Keonjhar/ Sub-Collector, Keonjhar/ D.S.W.O, Keonjhar/ B.D.O, Sadar, Keonjhar/NIC Keonjhar for information and necessary action with request to publish the notice in their office Notice Board.

Copy to Office Notice Board.

6/04/2021

Child Development Project Officer
Keonjhar, Sadar.

# ଆମ ପିଲାକୁ ୬ମାସ ପୁରି ୭ ଚାଲିଲା
# ଆମେ ତା'ର ଖାଦ୍ୟର
# ସଠିକ୍ ଯତ୍ନ ନେବା ଦରକାର ।



ଯେମିତିକି.....

- **ମାସର ଦ୍ୱିତୀୟ ଗୁରୁବାରରେ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁକୁ ଅର୍ଦ୍ଧକଠିନ ଖାଦ୍ୟ ଯଥା: ଜାଉ ବା ଖିରୀ ଦେଇ ଅନ୍ନପ୍ରାଶନ କରିବା**
- ଅଙ୍ଗନୱାଡ଼ି କେନ୍ଦ୍ରରେ ନିୟମିତ ଶିଶୁକୁ ଓଜନ କରିବା
- ସ୍ତନ୍ୟପାନ ସହିତ ଚକଟା ନରମ ଖାଦ୍ୟ ଖୁଆଇବା ଯଥା : ଭାତ, ଖେଚୁଡ଼ି, ରୁଟି, ଆଳୁ ଚକଟା, ଚୂଡ଼ା, ମାଣ୍ଡିଆ ଖିରୀ, ଛତୁଆ ଓ ଅଣ୍ଡା ଇତ୍ୟାଦି
- ଖାଦ୍ୟରେ ଆୟୋଡ଼ିନ୍ ଯୁକ୍ତ ଲୁଣ ବ୍ୟବହାର କରନ୍ତୁ
- ଦିନରେ ଅନ୍ତତଃ ଦୁଇରୁ ତିନିଥର ଦୁଇ ଗିନା ବା ୨୦୦ ଗ୍ରାମର ଖାଦ୍ୟ ଖୁଆଇବା
- ଅଲଗା ଗିନାରେ ଶିଶୁକୁ ଖାଦ୍ୟ ଖୁଆଇବା
- ଖାଦ୍ୟରେ ତେଲ ବା ଘିଅ ମିଶାଇବା
- ସଫା ହାତରେ (ସାବୁନରେ ହାତ ଧୋଇ) ଖାଦ୍ୟ ପ୍ରସ୍ତୁତ କରିବା ଏବଂ ଖୁଆଇବା
- ଶିଶୁର ଦେହ ଖରାପ ପରେ ଅଳ୍ପ ପରିମାଣ ଅଧିକ ଥର ଖାଦ୍ୟ ଖୁଆଇବା

## ସଠିକ୍ ଯତନ ନେଲେ ଶିଶୁର, ହସି ଉଠିବ ଆମ ସଂସାର

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

# ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
## ଓଡ଼ିଶା ସରକାର

# ଆସ ଜାଣିବା. . .   ଜାଣିଲେ ଜିଣିବା

## ଜନ୍ମ ପରେ ଶିଶୁକୁ ମା' କ୍ଷୀର

### ଶିଶୁଟି ଜନ୍ମ ହେବାର ଏକଘଣ୍ଟା ମଧ୍ୟରେ ମା' କ୍ଷୀର ଦିଅନ୍ତୁ ।






- ସ୍ତନ୍ୟପାନ ଗର୍ଭଫୁଲ ଶୀଘ୍ର ପଡ଼ିବାରେ ସାହାଯ୍ୟ କରେ ।
- ଏହା ମା'ଠାରେ ଅଧିକ କ୍ଷୀର ହେବାରେ ସାହାଯ୍ୟ କରେ ।
- ମା'ର ପ୍ରଥମ ହଳଦିଆ ରଙ୍ଗର 'ଶାଳଦୁଧ' ଶିଶୁକୁ ରୋଗରୁ ରକ୍ଷା କରେ । ଏହା ଶିଶୁ ପାଇଁ ଅମୃତ ସଦୃଶ ଏବଂ ଶିଶୁର କଳା ଝାଡ଼ା ନିର୍ଗତ କରି ପେଟ ସଫା କରାଏ ।
- ଜନ୍ମର ଏକ ଘଣ୍ଟା ମଧ୍ୟରେ ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା, ପ୍ରସବ ପରବର୍ତ୍ତୀ ରକ୍ତସ୍ରାବ କମ୍ ହୋଇଥାଏ ।
- ଗୁଡ଼ପାଣି, ମହୁପାଣି ଓ ମିଶିରି ପାଣି ଆଦି ନବଜାତ ଶିଶୁକୁ ଦିଅନ୍ତୁ ନାହିଁ । ଏହା ମଧ୍ୟ ଉତ୍ତମ ସ୍ତନ୍ୟପାନ ଅଭ୍ୟାସକୁ ପ୍ରତିହତ କରିଥାଏ ।

## ଶିଶୁ ଅଭିବୃଦ୍ଧି ନିରୀକ୍ଷଣ



- ପ୍ରତ୍ୟେକ ମାସରେ ଶିଶୁର ଓଜନ ବଢ଼ିବା ତା'ର ଅଭିବୃଦ୍ଧି ଓ ବିକାଶର ଲକ୍ଷଣ ଅଟେ
- ଅଙ୍ଗନୱାଡ଼ିରେ ପ୍ରତ୍ୟେକ ମାସରେ ଶିଶୁର ଓଜନ ନିଅନ୍ତୁ (୦ ରୁ ୫ ବର୍ଷ)
- ମା' ଓ ଶିଶୁ ସୁରକ୍ଷା କାର୍ଡ (MCP Card) ରେ ଶିଶୁର ଓଜନକୁ ଚିହ୍ନିତ କରି ଶିଶୁର ଅଭିବୃଦ୍ଧି ତଦାରଖ କରନ୍ତୁ
- ଶିଶୁର ପୁଷ୍ଟି ସ୍ଥିତି ସବୁଜ ଘର ମଧ୍ୟରେ ରହିବା ସୁସ୍ଥ ଶିଶୁର ଲକ୍ଷଣ ଅଟେ

| | | |
|---|---|---|
| ପ୍ରତି ମାସରେ ହାରାହାରି ଓଜନ ବୃଦ୍ଧି ହୋଇପାରେ | ୦ ରୁ ୨ ମାସ ଶିଶୁ | - ୮୦୦ ଗ୍ରାମ୍ |
| | ୩ ରୁ ୪ ମାସ ଶିଶୁ | - ୬୦୦ ଗ୍ରାମ୍ |
| | ୫ ରୁ ୬ ମାସ ଶିଶୁ | - ୪୦୦ ଗ୍ରାମ୍ |
| | ୭ ମାସ ରୁ ୩ ବର୍ଷ ଶିଶୁ | - ୨୦୦ ଗ୍ରାମ୍ |
| | ୩ ମାସ ରୁ ୫ ବର୍ଷ ଶିଶୁ | - ୧୨୫ ରୁ ୧୫୦ ଗ୍ରାମ୍ |

# ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
# ଓଡ଼ିଶା ସରକାର

## ଯାଞ୍ଚ କମିଟି

ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୁଷ୍ଟିକର ଖାଦ୍ୟ ଓ ଅନ୍ୟାନ୍ୟ ସେବାଗୁଡ଼ିକ ଅଙ୍ଗନବାଡ଼ି କେନ୍ଦ୍ରରେ ସୁପରିଚାଳନା ପାଇଁ ଗ୍ରାମ ସ୍ତରରେ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଗୋଟିଏ ଯାଞ୍ଚକମିଟି ଗଠନ କରାଯାଇଛି । ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ କମିଟି ଗଠନ କରାଯାଇଛି ।

- ସରକାରୀ ବା ଅନୁଦାନ ପ୍ରାପ୍ତ ସଂସ୍ଥାର ଅବସର ପ୍ରାପ୍ତ କର୍ମକର୍ତ୍ତା
- ଦୁଇଟି ଉତ୍ତମ (Best graded) ସ୍ୱୟଂ ସହାୟକ ଦଳର ସମ୍ପାଦକ/ସଭାପତି
- ଜଣେ ଭିନ୍ନକ୍ଷମ ବ୍ୟକ୍ତି
- ମାତୃକମିଟିର ମୁଖ୍ୟ
- ଗ୍ରାମ୍ୟ ଶିକ୍ଷାକମିଟିର ସଭାପତି



### ଯାଞ୍ଚ କମିଟିର ଦାୟିତ୍ୱ ଓ କର୍ତ୍ତବ୍ୟ

- ସମସ୍ତ ହିତାଧିକାରୀ ଯଥା - ଶିଶୁ (୦-୬ ବର୍ଷ), ଗର୍ଭବତୀ ଓ ପ୍ରସୂତୀ ମହିଳା ପୁଷ୍ଟିକର ଖାଦ୍ୟ ପାଇବା ପାଇଁ ସୁନିଶ୍ଚିତ କରିବେ ।
- ସପ୍ତାହରେ ଥରେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସକାଳ ଜଳଖିଆ, ଗରମ ଖାଦ୍ୟର ପରିମାଣ ଓ ମାନ ଯାଞ୍ଚ କରିବେ ।
- ରନ୍ଧନ, ବଣ୍ଟନ, ଭୋଜନ ଏବଂ ପାନୀୟଜଳ ଇତ୍ୟାଦିରେ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରାଯାଉଛି କି ନାହିଁ ତଦାରଖ କରିବେ ।
- ଅଙ୍ଗନବାଡ଼ି କେନ୍ଦ୍ରରେ ଛତୁଆ ଗ୍ରହଣ ଏବଂ ବଣ୍ଟନ ସମୟରେ ଉପସ୍ଥିତ ରହିବେ ।
- ଯାଞ୍ଚ କମିଟିର ସଭ୍ୟମାନେ ଗ୍ରାମର ଅନ୍ତତଃ ଗୋଟିଏ ଗୃହ ପରିଦର୍ଶନ କରି ହିତାଧିକାରୀ ଛତୁଆ ପାଉଛନ୍ତି ଏବଂ ଆବଶ୍ୟକ ପରିମାଣ ଛତୁଆ ଖାଉଛନ୍ତି ସୁନିଶ୍ଚିତ କରିବେ ।

## ମାତୃ କମିଟି

ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ଏବଂ ପରିପୂରକ ଖାଦ୍ୟ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଗ୍ରାମ ସ୍ତରରେ ଗୋଟିଏ ମାତୃ କମିଟି ଗଠନ କରାଯାଇଛି । ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ କମିଟି ଗଠନ କରାଯାଇଛି ।

- ଗ୍ରାମର ମହିଳା ୱାର୍ଡ ମେମ୍ବର ଅଧ୍ୟକ୍ଷା
- ୨ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା
- ସ୍ୱେଚ୍ଛାସେବି ସଂଗଠନର ଜଣେ ମହିଳା ପ୍ରତିନିଧି
- ଜଣେ ଗର୍ଭବତୀ ମହିଳା
- ଜଣେ ପ୍ରସୂତି ମହିଳା
- ୭ ମାସରୁ ୫ ବର୍ଷର ଶିଶୁର ମା'



### ମାତୃ କମିଟିର ଦାୟିତ୍ୱ ଓ କର୍ତ୍ତବ୍ୟ

- ଗୃହ ପରିଦର୍ଶନ କରି ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇ ପ୍ରାକ୍ ବିଦ୍ୟାଳୟରେ ନିୟମିତ ଉପସ୍ଥାନକୁ ସୁନିଶ୍ଚିତ କରିବେ ।
- ଅଙ୍ଗନବାଡ଼ି କେନ୍ଦ୍ରରେ ସମସ୍ତ ଖାଦ୍ୟ କାର୍ଯ୍ୟକ୍ରମର ମାନକୁ ସୁନିଶ୍ଚିତ କରିବେ ।
- ମାତୃ କମିଟିର ସଭ୍ୟାମାନେ ଅଙ୍ଗନବାଡ଼ି କର୍ମୀଙ୍କୁ ପ୍ରାକ୍ ବିଦ୍ୟାଳୟ ପରିଚାଳନା ଏବଂ ଶିଶୁଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସାହାଯ୍ୟ କରିବେ ।
- ଅଙ୍ଗନବାଡ଼ି କେନ୍ଦ୍ରରେ ଛତୁଆ ଗ୍ରହଣ ଏବଂ ବଣ୍ଟନ ସମୟରେ ଉପସ୍ଥିତ ରହିବେ ଏବଂ ଛତୁଆର ବ୍ୟବହାର ଦ୍ୱାରା ପରିପୂରକ ପୁଷ୍ଟି ସମ୍ବନ୍ଧରେ ମା' ମାନଙ୍କୁ ବୁଝାଇବେ ।
- ଗୃହ ପରିଦର୍ଶନ ସମୟରେ ମା' ମାନଙ୍କୁ ଛତୁଆ ସେବନ ସମୟରେ ପରିଷ୍କାର ପାନୀୟଜଳର ବ୍ୟବହାର ଏବଂ ଛତୁଆ କେବଳ ହିତାଧିକାରୀମାନେ ସେବନ କରିବେ ବୋଲି ପରାମର୍ଶ ଦେବେ ।
- ମା' ମାନଙ୍କୁ ମା' ଓ ଶିଶୁ ସୁରକ୍ଷା କାର୍ଡ (ଏମସିପିସି) ରେ ନିଜ ସନ୍ତାନର ଓଜନ ଦର୍ଶାଇବା ପାଇଁ ପ୍ରବର୍ତ୍ତାଇବେ ।

# ପାଞ୍ଚୋଟି କଥା ମନେରଖିଥା



୧ ଶିଶୁ ଜନ୍ମ ହେବା ପରେ ତା'କୁ ମା'ର 'କଷକ୍ଷୀର' ଦେବା ଦରକାର ଯେଉଁ କଷକ୍ଷୀରରେ ରୋଗ ପ୍ରତିରୋଧକ ଶକ୍ତି ଭରି ରହିଛି ।

୨ ୬ମାସ ଯାଏଁ ଶିଶୁକୁ କେବଳ ମା' କ୍ଷୀର ଦେବା ଉଚିତ୍ । ଗାଈ କ୍ଷୀର, ଡବା କ୍ଷୀର, ମହୁପାଣି, ଚିନି/ ମିସିରି ପାଣି ଏପରିକି ପାଣି ଦେବା ଅନୁଚିତ୍ ।

୩ ଶିଶୁକୁ ଉତ୍ତମ ପୋଷଣ ଯୋଗାଇ ଦେବା ଓ ସୁସ୍ଥ ରଖିବା ପାଇଁ ଶିଶୁଟି ଯେତେଥର ଚାହୁଁଛି ତା'କୁ ମା' କ୍ଷୀର ଦିଅନ୍ତୁ ।

୪ ଶିଶୁର ଅସୁସ୍ଥତା ଏପରିକି ତରଳ ଝାଡ଼ା ହେବା ସମୟରେ ମଧ୍ୟ ମା' କ୍ଷୀର ଚାଲୁ ରଖନ୍ତୁ, ଏହାଦ୍ୱାରା ଶିଶୁ ଶରୀରରେ ଜଳୀୟ ଅଂଶ କମେ ନାହିଁ । ମା' ଅସୁସ୍ଥ ଥିଲେ ମଧ୍ୟ ଶିଶୁକୁ କ୍ଷୀର ଦେଇପାରିବ ।

୫ ଶିଶୁକୁ ୬ମାସ ହେବାପରେ ୨ବର୍ଷ ହେବା ପର୍ଯ୍ୟନ୍ତ ଅନ୍ୟ ଖାଦ୍ୟସହିତ ମା' କ୍ଷୀର ଚାଲୁ ରଖନ୍ତୁ ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

## TENDER FORM

| | | |
|---|---|---|
| 1 | Name of the Agency/ Firm/Persons ( In Capital Letters) | |
| 2 | Address of the Organization | |
| 3 | Name of the authorized Signatory ( In Block Letters) | |
| 4 | Specimen Signature of authorized signatory | |
| 5 | Telephone No./ Mobile No. of the authorized signatory/organization | |
| 6 | Registration No. ( Attach attested copy of registration certificate if any) | |
| 7 | GST/VAT Clearance Certificate in Form-612 submitted or not | |
| 8 | PAN submitted or not | |
| 9 | TIN submitted or not | |
| 10 | Bank Draft of Rs.5000.00 payable towards cost of security deposit. | |
| 11 | Documents of any past experience ( attested copy to be submitted) | |
| 12 | Whether have any legal suit / criminal case pending against it for violation of PF /ESI / MW Act or any other law ( Submit the affidavit of declaration for no case pending ) (Yes/No) | |
| 13 | Affidavit of declaration that the Tenderer agrees to abide by all terms and conditions of tender (Yes/No) | |
| 14 | Whether all documents submitted signed by the authorized signatory of the organization (Yes/No) | |
| 15 | Cost of wall painting & Pushti Kantha in each AWC not be exceeded Rs.4500/- including all charges. | |

### DECLARATION

I/We hereby certify that the terms and conditions specification etc. given with the tender notice have been read carefully and acceptance to me / us and that the information furnished above is complete and correct to the best of my / our knowledge. I/We understand that in case of any deviation in the above statement at any state, the tenderer shall be blacklisted and will not have any dealing with in future.

Place:- **( Signature and Seal of the authorized Signatory)**

Date:-